# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th May – 2026

**************************************

## ମୁଖ୍ୟ ସମ୍ବାଦ

- ନୀଟ୍-ୟୁ.ଜି. ପୁନଃ ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି କ୍ୟାବିନେଟ୍ ବୈଠକ ।

- ଯୁକ୍ତଦୁଇ ପରୀକ୍ଷା ଫଳରେ ୮୫ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ; ଜୁଲାଇ ମାସ ପ୍ରଥମ ସପ୍ତାହରେ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷାପାଇଁ ଆରମ୍ଭ ହେବ ଆବେଦନ ।

- ଚାନ୍ଦିପୁରରୁ ରକେଟ୍ ଲଞ୍ଚର ପ୍ରଣାଳୀ ସୂର୍ଯ୍ୟାସ୍ତ୍ରର ସଫଳ ପରୀକ୍ଷଣ ।

ଏବଂ

- ଝାରସୁଗୁଡ଼ାଠାରେ ରାଜ୍ୟରେ ଚଳିତବର୍ଷର ସର୍ବାଧିକ ତାପମାତ୍ରା ୪୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ।

***Desk***

# ନୀଟ ନିରାପତ୍ତା

ନିଟ୍‌-ୟୁଜି ପୁନଃ ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷଭାବେ ପରିଚାଳନା କରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁତ୍ୱ ପ୍ରଦାନ କରିଛନ୍ତି। ନୂଆଦିଲ୍ଲୀରେ ଆଜି କେନ୍ଦ୍ରୀୟ ସୁରକ୍ଷା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଶ୍ରୀ ପ୍ରଧାନ ଅଧ୍ୟକ୍ଷତା କରିଛନ୍ତି । ଏଥିରେ ବେନାମୀ ଅନଲାଇନ୍ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରତିଯୋଗିତାମୂଳକ ପରୀକ୍ଷା ସମ୍ପର୍କିତ ଭୁଲ ସୂଚନାର ବ୍ୟାପକ ପ୍ରସାରଣ ଉପରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି। ଏପରି ନେଟୱାର୍କଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ  ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି ।

***BBSR/R***

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି । ଭୁବନେଶ୍ୱର ଲୋକସେବା ଭବନରେ

ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର କେତେକ ପ୍ରସ୍ତାବ ଅନୁମୋଦନ ଲାଭ କରିବାର ସମ୍ଭାବନା ରହିଛି ।

***IPR***

## ଜାପାନ କନ୍‌ସୁଲ୍ ଜେନେରାଲ୍

କୋଲକାତାରେ ଅବସ୍ଥାପିତ ଜାପନର କନ୍‌ସୁଲ୍ ଜେନେରାଲ୍ ଇସିକାୱା ୟୋସିହିସା ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି ଜାପାନ ଓ ଓଡ଼ିଶା ମଧ୍ୟରେ ସହଭାଗିତା ବୃଦ୍ଧିପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ଜାପାନ ଓଡ଼ିଶାରେ ଅଧିକ ନିବେଶ କରିବା ସହ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଜାପାନ କନସୁଲ୍ ଜେନେରାଲ୍ ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶରେ ଜାପାନ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଥିଲେ । ବୈଠକରେ ନିଷ୍ପତ୍ତି ଅନୁଯାୟୀ ଜାପାନର ଏକ ରାଜ୍ୟ ତୋତ୍ତୋରୀ ଏବଂ ଓଡ଼ିଶା ମଧ୍ୟରେ ସହଭାଗିତା ହେବା ସହ ଉଭୟ ରାଜ୍ୟ ସିଷ୍ଟର ଷ୍ଟେଟ୍ ଭାବେ କାର୍ଯ୍ୟ କରିବେ । ବୈଠକରେ ରାଜ୍ୟର ଯୁବକମାନେ ଜାପାନରେ ନିଯୁକ୍ତି ପାଇବା ନେଇ ଆଲୋଚନା ହେବା ସହ ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରଯୁକ୍ତିବିଦ୍ୟା ପର୍ଯ୍ୟଟନ କ୍ଷେତ୍ରରେ ସମ୍ପର୍କ ଆହୁରି ସୁଦୃଢ଼ କରିବା ନେଇ ନିଷ୍ପତ୍ତି ହୋଇଥିଲା ।

*Desk*

# ଏସ୍.ଆଇ.ଆର୍.

ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ରାଜ୍ୟରେ ଆଜିଠାରୁ ଆରମ୍ଭ ହୋଇଛି। ଏଥିସହ ଗତ ମଧ୍ୟରାତ୍ରିରୁ ପୁରୁଣା ଭୋଟର ତାଲିକାକୁ ରଦ୍ଦ କରାଯାଇଛି। ଆଜିଠାରୁ ପରିଗଣନା ଫର୍ମ ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇଛି।  ରାଜ୍ୟର ୩ କୋଟି ୪୦ ଲକ୍ଷରୁ ଅଧିକ ଭୋଟରଙ୍କ ପାଇଁ ସମାନ ସଂଖ୍ୟକ ପରିଗଣନା ବା ଏନୁମରେସନ ଫର୍ମ ମୁଦ୍ରଣ କାର୍ଯ୍ୟ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର କହିଛନ୍ତି। ଏହି ଫର୍ମ ମୁଦ୍ରଣ ହେବା ପରେ ଚଳିତ ମାସ ୩୦ ତାରିଖରୁ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ପ୍ରତ୍ୟେକ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିବେ। ଆବଶ୍ୟକସ୍ଥଳେ ସମ୍ପୃକ୍ତ ଭୋଟରଙ୍କ ଅନୁପସ୍ଥିତିରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ସର୍ବାଧିକ ୩ ଥର ଭୋଟରମାନଙ୍କ ନିକଟକୁ ଯିବେ। ସୂଚନା ଅନୁଯାୟୀ, ଏହି ଫର୍ମରେ ଭୋଟରଙ୍କ ଫଟୋ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି।

***Voice :......***

***Desk***

# ଯୁକ୍ତ ଦୁଇ ପରୀକ୍ଷାଫଳ

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ସି.ଏଚ୍.ଏସ୍.ଇ.ଦ୍ୱାରା ପରିଚାଳିତ ଯୁକ୍ତଦୁଇ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। ଚଳିତବର୍ଷ ୮୫ ଦଶମିକ ୮/୫ ପ୍ରତିଶତ ବିଦ୍ୟାର୍ଥୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ପାଠ୍ୟକ୍ରମରେ ୮୪ ଦଶମିକ ୫ ପ୍ରତିଶତ, ବିଜ୍ଞାନରେ ୮୮ ଦଶମିକ ୮/୨ ପ୍ରତିଶତ, ବାଣିଜ୍ୟରେ ୮୮ ଦଶମିକ ୦/୭ ପ୍ରତିଶତ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ୭୭ ଦଶମିକ ୬/୨ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ୮୯ ଦଶମିକ ୪/୮ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରଛାତ୍ରୀମାନେ results.odisha.gov.in ଏବଂ results.digilocker.gov.inରେ ଲଗ୍ଇନ୍ କରି ପରୀକ୍ଷାଫଳ ଜାଣିପାରିବେ। ମୁଖ୍ୟମନ୍ତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆସନ୍ତାକାଲିଠାରୁ ଡିଜିଲକର୍ରୁ ମାର୍କସିଟ୍ ଡାଉନ୍‌ଲୋଡ୍ କରାଯାଇପାରିବ । ଜୁଲାଇ ପ୍ରଥମ ସପ୍ତାହରେ Instant ପରୀକ୍ଷା ଏବଂ Improvement ପରୀକ୍ଷା ପାଇଁ ଆବେଦନ ଆରମ୍ଭ ହେବ । ଚଳିତ ବର୍ଷ ୩ ଲକ୍ଷ ୯୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଦେଇଥିଲେ ।

***IPR***

# ଅଟଳ ବସ୍‌ଷ୍ଟାଣ୍ଡ୍

ରାଜ୍ୟ ସରକାର ସମସ୍ତ ସହରାଞ୍ଚଳର ବସ୍‌ଷ୍ଟାଣ୍ଡ୍‌ଗୁଡ଼ିକୁ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ସାମିଲ୍ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗରେ ଥିବା ବସ୍‌ଷ୍ଟାଣ୍ଡଗୁଡ଼ିକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଛି । ସମସ୍ତ ବସ୍‌ଷ୍ଟାଣ୍ଡ୍‌କୁ ଆଧୁନିକ ଢାଞ୍ଚାରେ ଗଢ଼ି ତୋଳିବାପାଇଁ ଏହି ପଦକ୍ଷେପ ନିଆଯାଇଛି ।

***BBSR/R***

# ସୂର୍ଯ୍ୟାସ୍ତ ରକେଟ୍

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସୂର୍ଯ୍ୟାସ୍ତ ୟୁନିଭର୍ସିଆଲ ରକେଟ୍ ଲଞ୍ଚର ପ୍ରଣାଳୀର ସଫଳ ପରୀକ୍ଷଣ ହୋଇଛି । ଏହି ଅତ୍ୟାଧୁନିକ ରକେଟ୍ ପ୍ରଣାଳୀର ଲଗାତାର ୨ ଦିନ ଧରି ପରୀକ୍ଷଣ ପରେ ଏହା ସମସ୍ତ ସାମରିକ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୋଇଛି । ସୂଚନା ଅନୁସାରେ ପରୀକ୍ଷଣରେ ସୂର୍ଯ୍ୟସ୍ତ ରକେଟ୍‌ର ୨ଟି ଭିନ୍ନ ଭିନ୍ନ ସଂସ୍କରଣର ବ୍ୟବହାର କରାଯାଇଥିଲା । ୩୦୦ କିଲୋମିଟର ଦୂରଗାମୀ ଏହି ରକେଟ୍ ମାତ୍ର ୨ ମିଟରର ସୂକ୍ଷ୍ମ ବ୍ୟବଧାନରେ ଶତ୍ରୁପକ୍ଷର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି ।

***Desk***

# ବନକଲାଗି

ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବ।  ବନକଲାଗି ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ୪ ଘଣ୍ଟା ପାଇଁ ବନ୍ଦ ରହିଥିବା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

***Nayagarh/R***

# ବିପର୍ଯ୍ୟୟ କମିଟି ବୈଠକ

ନୟାଗଡ଼ ଜିଲ୍ଲା ପରିଷଦର ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିୟନ୍ତ୍ରଣ କକ୍ଷ ଖୋଲିବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଅଚଳ ନଳକୂପ ମରାମତି, ସାଟେଲାଇଟ୍ ଫୋନ୍, ଏନ୍.ଡି.ଆର୍.ଏଫ୍. ଏବଂ ଏସ୍.ଡି.ଆର୍.ଏଫ୍. ଦଳ ନିୟୋଜିତ କରିବା, ଜେନେରେଟର୍ ବ୍ୟବସ୍ଥା, ଜରୁରୀକାଳୀନ ଔଷଧ ମହଜୁଦ ରଖିବା ସହିତ

ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିୟୋଜିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

***Kendrapara/R***

## ଦୀନଦୟାଲ୍ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ୍‌ରେ ଦୁଇଦିନିଆ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ-୨୦୨୬ ଏବଂ ଜିଲ୍ଲା ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ କର୍ମୀ, କାର୍ଯ୍ୟକର୍ତ୍ତା ଏବଂ ଅନ୍ୟାନ୍ୟ ପଦାଧିକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ବୁଥ୍‌ସ୍ତରରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବା ନେଇ ରୂପରେଖ ମଧ୍ୟ ପ୍ରସ୍ତୁତ ହୋଇଥିଲା ।

***Desk***

## ବିଶ୍ୱ ମହୁମାଛି ଦିବସ

ପୃଥିବୀରେ ସନ୍ତୁଳନ ବଜାୟ ରଖିବାରେ ମହୁମାଛିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସେମାନେ ସମ୍ମୁଖୀନ ହେଉଥିବା ଅନେକ ଆହ୍ୱାନର ମୁକାବିଲା

ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମହୁମାଛି ଦିବସ ପାଳନ କରାଯାଉଛି। ପରାଗ ରେଣୁ ବହନକାରୀ ଭାବରେ ମହୁମାଛିର ମହତ୍ତ୍ୱ, ସମାଜରେ ସନ୍ତୁଳନ ରକ୍ଷାକାରୀ ଭାବେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ସାଧାରଣ ସଭା ପକ୍ଷରୁ ୨୦୧୮ ମସିହାଠାରୁ ଆଜିର ଦିନକୁ ବିଶ୍ୱ ମହୁମାଛି ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **'ମହୁମାଛି ସହିତ ଏକାଠି, ଲୋକଙ୍କ ପାଇଁ ଓ ପୃଥିବୀ ପାଇଁ - ଏହି ସହଭାଗିତା ଆମ ସମସ୍ତଙ୍କୁ ବଂଚାଇ ରଖେ'**। ମନୁଷ୍ୟ ଓ ପରିବେଶର ମଙ୍ଗଳ ପାଇଁ ହଜାର ହଜାର ବର୍ଷ ଧରି ମହୁମାଛି ଚାଷର ପାରମ୍ପରିକ ଜ୍ଞାନ ସହିତ ଆଧୁନିକ ପ୍ରଯୁକ୍ତିର ମିଶ୍ରଣ ଦ୍ୱାରା ଉଭୟ ମହୁମାଛି ଓ ମଣିଷ ଲାଭବାନ୍ ହୋଇପାରିବେ ବୋଲି ଚଳିତବର୍ଷ ବାର୍ତ୍ତା ଦେଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଆମ ପରିବେଶ ତନ୍ତ୍ରରେ ସନ୍ତୁଳନ ବଜାୟ ରଖିବାରେ ମହୁମାଛିମାନେ ବିଶେଷ ଗୁରୁତ୍ୱ ବହନ କରନ୍ତି । ଏହି ଅବସରରେ ମହୁମାଛିଙ୍କ ସୁରକ୍ଷାପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

***Nabarangpur/R***

# ଯୋଜନା ବୈଠକ

ନବରଙ୍ଗପୁର ଜିଲ୍ଲାର ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବୈଠକ

ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା, ଜୀବିକା, କୃଷି ଓ ଗମନାଗମନର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନାରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା ।

***Met. O.***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆଜି ଝାରସୁଗୁଡ଼ାଠାରେ ଆଜି ସର୍ବାଧିକ ତାପମାତ୍ରା ୪୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମଲହରୀ ଜାରି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗୁଳୁଗୁଳି ଓ ଗରମ ବୃଦ୍ଧି ପାଇବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******